# ଆମେରିକା ସାରସ୍ୱତ ସଂଘର ଦ୍ୱାଦଶ ବାର୍ଷିକ ବିବରଣୀ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ତା୩୧ ଜାନୁୟାରୀ ୨୦୧୬ ଦିନ ଆମେରିକା ସାରସ୍ୱତ ସଂଘର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହେଉଅଛି । ୨୦୦୧ ମସିହା ଅଗଷ୍ଟ ୪ ତାରିଖ ଦିନ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମଦିନରେ ମାତ୍ର ସାତଗୋଟି ଭକ୍ତ ପରିବାରକୁ ନେଇ ଆରମ୍ଭ ହୋଇଥିବା ଆମେରିକା ସାରସ୍ୱତ ପାଠଚକ୍ରଟି ନୀଳାଚଳ ସାରସ୍ୱତ ସଂଘର ସଭାପତି ଓ ତତ୍କାଳୀନ ପରିଚାଳକ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଦାଶ ଭାଇଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ହୋଇ ୨୦୦୩ ମସିହାରେ ସଂଘରେ ପରିଣତ ହୋଇଥିଲା । ୨୦୦୧ ମସିହାଠାରୁ ପ୍ରତ୍ୟେକ ମାସର ପ୍ରଥମ ରବିବାର ଦିନ ଟେଲିଫୋନ୍ ମାଧ୍ୟମରେ ଏହି ପାଠଚକ୍ରର ଅଧିବେଶନଗୁଡିକ ଅନୁଷ୍ଠିତ ହୋଇଆସୁଥିଲା । ୨୦୦୪ ମସିହା ଜାନୁୟାରୀ ୭ ତାରିଖ ପୌଷ ପୂର୍ଣ୍ଣିମା ସନ୍ଧ୍ୟାରେ ଆମେରିକା ସାରସ୍ୱତ ସଂଘ ବିଧିବଦ୍ଧଭାବରେ ପ୍ରତିଷ୍ଠା ହୋଇଥିଲା । ସେହିବର୍ଷଠାରୁ ପ୍ରତିବର୍ଷ ପୌଷ ପୂର୍ଣ୍ଣିମା ସମୟରେ ବାର୍ଷିକ ଉତ୍ସବ ପାଳିତ ହୋଇଆସୁଅଛି ଓ ଏହି ଉତ୍ସବରେ କେନ୍ଦ୍ରପ୍ରତିନିଧିମାନେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶ ଓ ସଂଘପ୍ରତିଷ୍ଠାର ଉଦ୍ଦେଶ୍ୟାଦି ବିଷୟରେ ଆଲୋଚନା କରିଆସୁଅଛନ୍ତି । ଆମେରିକା ସାରସ୍ୱତ ସଂଘର ପ୍ରତିଷ୍ଠାପରଠାରୁ ସଂଘସେବୀ ଭାଇ ଓ ମା'ମାନେ ନିୟମିତ ଭାବରେ ସଂଘପୂଜା ଅଧିବେଶନରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଅନୁପ୍ରାଣିତ ହେବା ପାଇଁ ଚେଷ୍ଟା କରୁଛନ୍ତି । ପ୍ରତ୍ୟେକ ରବିବାର ଦିନ ସଂଘପୂଜା ଅଧିବେଶନ ଅନୁଷ୍ଠିତ ହୋଇଆସୁଛି । ପ୍ରତିମାସର ଶେଷ ରବିବାର ଦିନ ନୀଳାଚଳ ସାରସ୍ୱତ ସଂଘର ପରିଚାଳନା ମଣ୍ଡଳୀର ଜଣେ ସଦସ୍ୟ କେନ୍ଦ୍ର ପ୍ରତିନିଧି ଭାବରେ ଫୋନ୍ ମାଧ୍ୟମରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ବିଷୟରେ ଆଲୋଚନା କରିଥାନ୍ତି । ବିଗତ ବର୍ଷ ବିଭିନ୍ନ ଅସୁବିଧା ଯୋଗୁ ଏହା ସମ୍ଭବ ହୋଇପାରିନଥିଲା । ସେଥିପାଇଁ ଆମ୍ଭେମାନେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ କ୍ଷମା ଭିକ୍ଷା କରୁଅଛୁ । ନିୟମିତ ସଂଘ ଅଧିବେଶନ ବ୍ୟତୀତ ମାସର ପ୍ରଥମ ରବିବାର ଦିନ ମହିଳା ସଂଘ ଅଧିବେଶନ ଅନୁଷ୍ଠିତ ହୋଇ ଆସୁଅଛି । ବିଗତ ବର୍ଷର ସଂଘ ଅଧିବେଶନଗୁଡିକରେ ପ୍ରାୟ ୬୩ ଜଣ ସଂଘସେବୀ ଓ ୧୯ ଜଣ ଦର୍ଶକ ଭକ୍ତ ନିୟମିତ ଭାବରେ ଯୋଗଦାନ କରିଛନ୍ତି । ୨୦୦୪ ମସିହା ଜାନୁୟାରୀ ମାସରୁ ଆରମ୍ଭ ହୋଇ ପ୍ରତ୍ୟେକ ମାସର ଶେଷ ରବିବାର ଦିନ ପିଲାମାନଙ୍କର ଅଧିବେଶନ ହୋଇ ଆସୁଥିଲା । ୨୦୦୫ ମସିହା ଡିସେମ୍ବର ମାସରୁ ଏହି ମାସିକ ଅଧିବେଶନ ପିଲାମାନଙ୍କର ଆଗ୍ରହ କ୍ରମେ ମାସରେ ଦୁଇଥର ଅନୁଷ୍ଠିତ ହେଇଆସୁଥିଲା । ୨୦୧୪ ମସିହା ଜାନୁଆରି ମାସଠାରୁଏହି ଅଧିବେଶନକୁ ସଂଘପୂଜା ସହିତ ମିଶାଇ ଦିଆଯାଇ ମିଳିତ ଅଧିବେଶନରେ ପରିଣତ କରାଯାଇଥିଲା । ଏହି ସବୁ ସଂଘ ଅଧିବେଶନରେ ପାଳିଆ ସଂଘସେବୀଙ୍କ ସହିତ ଜଣେ ପିଲା ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରୁଛନ୍ତି । ବିଗତ ବର୍ଷରେ ପିଲାମାନଙ୍କ ଅଧିବେଶନଗୁଡିକରେ ୩୦ ଜଣ ପିଲା ନିୟମିତ ଭାବରେ ଯୋଗଦାନ କରିଛନ୍ତି । ସେମାନଙ୍କ ମଧ୍ୟରେ ୭ ଜଣ ପରିଚୟପତ୍ରଧାରୀ ।

ଆମେରିକା ସାରସ୍ୱତ ସଂଘର ଉପବିଧି ଅନୁଯାୟୀ, ପ୍ରତ୍ୟେକ ବର୍ଷ ଏହାର ପରିଚାଳନା ମଣ୍ଡଳୀର ଦୁଇ ଜଣ ସଭ୍ୟଙ୍କର କାର୍ଯ୍ୟକାଳ ସମାପ୍ତ ହୁଏ ଏବଂ ସେମାନଙ୍କ ସ୍ଥାନ ପୂରଣ କରିବା ନିମିତ୍ତ ନୂତନ ଦୁଇ ଜଣ ସଭ୍ୟ ନିର୍ବାଚିତ ହୁଅନ୍ତି । ବିଗତ ବର୍ଷର ସଭ୍ୟମାନେ ହେଲେ, ସର୍ବଶ୍ରୀ ବିଜୟ କେତନ ସାହୁ (ସଭାପତି), ଜ୍ଞାନ ରଞ୍ଜନ ଦ୍ୱିବେଦୀ (ସଂପାଦକ), ବ୍ରଜେନ୍ଦ୍ର ନାଥ ପଣ୍ଡା (କୋଷାଧ୍ୟକ୍ଷ), ଅଶ୍ୱିନୀ କୁମାର ନାୟକ, ସାନୁଜିତ୍ ସେନାପତି, ମହେଶ ପ୍ରସାଦ ଚୌଧୁରି, ବିଶ୍ୱଜିତ୍ ସୁନ୍ଦରରାୟ, ପ୍ରଭାକର ବାଇ, ଓ ସୁବ୍ରତ କୁମାର ନାୟକ ।

ବିଗତ ୨୦୧୨ ଖ୍ରୀଷ୍ଟାବ୍ଦ ଜୁଲାଇ ୨୮ ତାରିଖ ଦିନ, North Carolina ରାଜ୍ୟର Efland ସହରରେ, ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ପାଶ୍ଚାତ୍ୟରେ ଶ୍ରୀଶ୍ରୀଠାକୁର ମହାରାଜଙ୍କର ପ୍ରଥମ ଆସନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଏହି ଆସନ ମନ୍ଦିରକୁ "ନିଗମ ସ୍ମୃତି ମନ୍ଦିର" ନାମରେ ନାମିତ କରାଯାଇଛି । ବିଗତ ବର୍ଷ February ମାସ ୨୦ ତାରିଖ ଦିନ ଏହି ଅଞ୍ଚଳରେ ତାପମାନ ବହୁତ ହ୍ରାସ ପାଇ ମନ୍ଦିରର ଏକ ପାଣି ପାଇପ୍ ଫାଟିଯାଇ ନାଟ ମନ୍ଦିର ଓ ପ୍ରସାଦ ମଣ୍ଡପ ଜଳମଗ୍ନ ହୋଇଯାଇଥିଲା । ଏହି କ୍ଷତି ପୂରଣ ପାଇଁ ପ୍ରାୟ ତିନି ମାସ ସମୟ ଲାଗିଥିଲା । ସେହି ସମୟରେ ସଂଘପୂଜା ପ୍ରଭାକର ବାଇ ଭାଇ, ଅଶ୍ୱିନୀ କୁମାର ନାୟକ ଭାଇ ଓ ଜ୍ଞାନ ରଞ୍ଜନ ଦ୍ୱିବେଦୀ ଭାଇଙ୍କର ଗୃହାସନରେ ଅନୁଷ୍ଠିତ ହୋଇଥିଲା । ଏହିସମୟ ବ୍ୟତୀତ ନିଗମ ସ୍ମୃତି ମନ୍ଦିରରେ ଗତ ବର୍ଷ ନିୟମିତ ଭାବରେ ପ୍ରତି ରବିବାର ଦିନ ସଂଘପୂଜା ଓ Young Aspirants' Session ଅନୁଷ୍ଠିତ ହୋଇଥିଲା । ଏତଦ୍ବ୍ୟତୀତ ପ୍ରଭାକର ବାଇ

ଭାଇଙ୍କ ଗୃହାସନରେ April ୨୧ରେ ଅକ୍ଷୟ ତୃତୀୟା, ଆସନ ମନ୍ଦିରରେ August ୨୯ରେ ଜନ୍ମୋତ୍ସବ ଓ November ୨୫ରେ ରାସ ପୂର୍ଣ୍ଣିମା ଉପଲକ୍ଷେ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

ଆମେରିକା ସାରସ୍ୱତ ସଂଘର ଚତୁର୍ଦ୍ଦଶ ବାର୍ଷିକ ଭକ୍ତ ସମ୍ମିଳନୀ ବିଗତ ଜୁଲାଇ ମାସ ୨, ୩ ଓ ୪ ତାରିଖ ଗୁରୁବାର ଠାରୁ ଶନିବାର ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ନିଳାଚଳ ସାରସ୍ୱତ ସଂଘର ପରିଚାଳକ ସଂଗ୍ରାମ କେଶରୀ ସିଂହ ଭାଇଙ୍କ ପ୍ରତିନିଧିତ୍ୱରେ ଅତ୍ୟନ୍ତ ଆନନ୍ଦ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ସର୍ବମୋଟ ୧୧୨ରୁ ଉର୍ଦ୍ଧ୍ୱ ଭାଇ, ମା' ଓ ପିଲାମାନେ ଯୋଗଦାନ କରିଥିଲେ । ବିଗତ ବର୍ଷମାନଙ୍କ ପରି ଏ ବର୍ଷ ମଧ୍ୟ ଭକ୍ତ ସମ୍ମିଳନୀ ସମୟରେ 'ସାରସ୍ୱତ ମାଧୁରୀ' ପତ୍ରିକା ପ୍ରକାଶିତ ହୋଇଥିଲା ।

ଏତଦ୍‌ବ୍ୟତୀତ ନର୍ଥକାରୋଲିନା ଓ ନିକଟବର୍ତ୍ତୀ ରାଜ୍ୟରେ ରହୁଥିବା ଭକ୍ତ ପରିବାରର ସଦସ୍ୟମାନେ ଗତ ୧୧ବର୍ଷ ହେଲା କେନ୍ଦ୍ର ଅନୁମତି କ୍ରମେ ପ୍ରତିମାସରେ ଗୋଟିଏ ଶନିବାର ଦିନ ଏକତ୍ର ହୋଇ ପାଠଚକ୍ର କରିଆସୁଛନ୍ତି । ଏହି ନର୍ଥକାରୋଲିନା ସାରସ୍ୱତ ପାଠଚକ୍ରରେ ପ୍ରାୟ ୨୫ ଜଣ ପରିଚୟପତ୍ରଧାରୀ ଭକ୍ତ ଯୋଗ ଦିଅନ୍ତି । ତିନି ବର୍ଷ ତଳେ California ରାଜ୍ୟରେ ରହୁଥିବା ୪ଟି ପରିବାର ପରିଚାଳକଙ୍କ ଅନୁମତି କ୍ରମେ West ପାଠଚକ୍ର ଆରମ୍ଭ କରିଛନ୍ତି । ପ୍ରତି ମାସରେ ଗୋଟିଏ ଶନିବାର କିମ୍ବା ରବିବାର ଦିନ ସେମାନେ ଏକତ୍ରିତ ହୋଇ ଏହି ପାଠଚକ୍ରର ଅଧିବେଶନ ଗୁଡ଼ିକରେ ଯୋଗଦାନ କରିଛନ୍ତି ।

୨୦୦୬ ମସିହାରେ କେନ୍ଦ୍ର ଅନୁମତି କ୍ରମେ ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳ ନାମରେ ଏକ ସେବାଶିକ୍ଷାର୍ଥୀ ମଣ୍ଡଳ ଗଠନ କରାଯାଇଥିଲା । ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳର ସେବକମାନେ ହେଲେ - ସର୍ବଶ୍ରୀ ବିଜୟ କୁମାର ସାହୁ, ଜ୍ଞାନ ରଞ୍ଜନ ଦ୍ୱିବେଦୀ, ବ୍ରଜେନ୍ଦ୍ର ନାଥ ପଣ୍ଡା, ବିଶ୍ୱଜିତ୍ ସୁନ୍ଦରରାୟ, ପ୍ରଭାକର ବାଇ, ବୃନ୍ଦାବନ ସାହୁ, ବରଦାକାନ୍ତ ନାୟକ, ଅଶ୍ୱିନୀ କୁମାର ନାୟକ, ସୁବ୍ରତ କୁମାର ନାୟକ, ସାନୁଜିତ୍ ସେନାପତି ଓ ଦେବୀପ୍ରସାଦ ସାମଲ । ଗତବର୍ଷ ଜୁନ୍ ମାସ ୨୭ ତାରିଖରୁ ଜୁଲାଇ ମାସ ୧ ତାରିଖ ପର୍ଯ୍ୟନ୍ତ ରାଉରକେଲା ଶକ୍ତିନଗର ଶାଖା ସଂଘର ସଭାପତି ଶ୍ରୀଯୁକ୍ତ ଦୋଳଗୋବିନ୍ଦ ଦ୍ୱିବେଦୀ ଭାଇଙ୍କ ତତ୍ତ୍ୱାବଧାନରେ ଏହି ସେବାଶିକ୍ଷାର୍ଥୀ ମଣ୍ଡଳର ଦଶମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ସମୟରେ କେନ୍ଦ୍ର ଅନୁମତି କ୍ରମେ ମା'ମାନଙ୍କର ଏକ ଘରୋଇ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଗତବର୍ଷ ସାତଗୋଟି ଗୃହାସନର ବାର୍ଷିକ ଉତ୍ସବ ମଧ୍ୟ ପାଳିତ ହୋଇଥିଲା । ମାର୍ଚ୍ଚ ମାସରେ ଜ୍ଞାନ ଦ୍ୱିବେଦୀ ଭାଇ ଓ ଶିବାନୀ ମା'ଙ୍କର ଗୃହାସନର, ଜୁଲାଇ ମାସରେ ବିଶ୍ୱଜିତ୍ ସୁନ୍ଦରରାୟ ଭାଇ ଓ ସ୍ମିତା ମା'ଙ୍କର ଗୃହାସନର, ଅଗଷ୍ଟ ମାସରେ ଅଶ୍ୱିନୀ ନାୟକ ଭାଇ ଓ ସଂଘମିତ୍ରା ମା'ଙ୍କର ଗୃହାସନର ଓ ଦେବୀ ସାମଲ ଓ ସ୍ନିଗ୍ଧାମା'ଙ୍କର ଗୃହାସନର, ସେପ୍‌ଟେମ୍ବର୍ ମାସରେ ବୃନ୍ଦାବନ ସାହୁ ଭାଇ ଓ ପଦ୍ମା ମା'ଙ୍କର ଗୃହାସନର ଓ ବରଦାକାନ୍ତ ନାୟକ ଭାଇ ଓ ସୋନିଆ ମା'ଙ୍କର ଗୃହାସନର, ନଭେମ୍ବର ମାସରେ ପ୍ରଭାକର ବାଇ ଭାଇ ଓ ସ୍ମିତା ମା'ଙ୍କ ଗୃହାସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ବିଗତ ବର୍ଷ ପ୍ରତି ମାସରେ ପ୍ରାୟତଃ ପ୍ରଥମ ରବିବାର ରାତ୍ର ୯ ଘଟିକା ସମୟରେ ସଂଘର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଂଘର ପରିଚାଳନା ସମ୍ବନ୍ଧୀୟ ଅନେକ ନିଷ୍ପତ୍ତି ନିଆଯାଇଥିଲା । ସେଥିମଧ୍ୟରୁ ନିମ୍ନଲିଖିତ ନିଷ୍ପତ୍ତିମାନ ପ୍ରଣିଧାନ ଯୋଗ୍ୟ ।

୧. ସଂଘ ପୂଜାରେ ନିୟମିତ ଭାବେ ଯୋଗଦେଉଥିବା ସମସ୍ତ ପରିଚୟପତ୍ରଧାରୀ ଭାଇ ଓ ମା' ମାନେ ସଂଘରେ ସେବାପାଳି ଗ୍ରହଣ କରିବେ ।
୨. ନିଗମ ସ୍ମୃତି ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ କାର୍ଯ୍ୟର ଏକ ତାଲିକା ପ୍ରସ୍ତୁତ କରାଯାଇ ତତ୍ ସମ୍ବନ୍ଧୀୟ ଆଲୋଚନା ପରେ କେତେଗୁଡ଼ିଏ କାର୍ଯ୍ୟପାଇଁ ଅନୁମତି ଦିଆଯାଇଥିଲା ।

ବିଗତ ବର୍ଷ ତିନିଜଣ ନୂତନ ପରିଚୟ ପତ୍ରଧାରୀଙ୍କ ସମେତ ୬୩ଜଣ ପରିଚୟ ପତ୍ର ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୫୨ ଜଣ ପ୍ରାଦେଶିକ ସମ୍ମିଳନୀର ଆବାହକ ଓ ୩୮ ଜଣ ଦୈନିକ ସମ୍ମିଳନୀ ସେବାରେ ଅଂଶ ଗ୍ରହଣ କରିଥିଲେ । ଏତଦ୍‌ବ୍ୟତୀତ ୧୫ଜଣ ମା'ମାନେ କୁଟୀର ସେବା ପାଳି ଗ୍ରହଣ କରିଥିଲେ ଓ ୨୮ଟି ପରିବାର ସଂଘସେବକ ଗ୍ରହଣ କରିଥିଲେ । ସଂଘସେବୀମାନଙ୍କର ପରିଚୟ ପତ୍ର ଆବେଦନର ସୁବିଧା ନିମନ୍ତେ ସଂଘ ତରଫରୁ ଏକ web application ନିର୍ମାଣ କରାଯାଇଥିଲା । ଏହି web

application ଜରିଆରେ ସଂଘସେବୀମାନେ ଅତି ସହଜ ଉପାୟରେ ପରିଚୟ ପତ୍ର ନିମନ୍ତେ ଆବେଦନ କରିବା ସହିତ କେନ୍ଦ୍ର ସଂଘର ବିଭିନ୍ନ ସେବା ପ୍ରଣାମୀ select କରିପାରୁଛନ୍ତି ।

ବିଗତ ବର୍ଷ ସଂଘ ତରଫରୁ ଜାନୁଆରି ୩ ଓ ନୋଭେମ୍ବର୍ ୨୭ ତାରିଖ ଦିନ Durham ସହରର Ronald McDonnald Houseରେ ନାରାୟଣ ସେବା ମାଧ୍ୟମରେ କର୍କଟ ରୋଗରେ ପିଡିତ ପିଲା ଓ ସେମାନଙ୍କର ପରିବାର ପାଇଁ ଭୋଜନ ପ୍ରସ୍ତୁତ କରାଜାଇଥିଲା । ଜାନୁଆରି ୨୪ ଓ ଏପ୍ରେଲ ୧୮ ତାରିଖ ଦିନ Food Bank of North Carolina ରେ ଖାଦ୍ୟ packing କରାଯାଇଥିଲା ।

ପୂର୍ବବର୍ଷ ଭଳି ୨୦୧୪ ମସିହାରେ ମଧ୍ୟ ନିଗମ ସ୍ମୃତି ମନ୍ଦିରର ନିର୍ମାଣରେ ନିଆଯାଇଥିବା ଋଣ ପରିଶୋଧ ଅବ୍ୟାହତ ରହିଥିଲା । ୨୦୧୨ ମସିହାରେ ନିଆଯାଇଥିବା $256,000ର ଋଣ ବର୍ତ୍ତମାନ ପ୍ରାୟ $55,000କୁ ଖସିଆସିଲାଣି । ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଅବଶିଷ୍ଟ ଋଣ ଅତି ଶୀଘ୍ର ପରିଶୋଧ କରିବାକୁ ଆଶା ରଖିଅଛୁ ।

ନୀଳାଚଳ ସାରସ୍ୱତ ସଂଘ ଦ୍ୱାରା ପ୍ରକାଶିତ ପୁସ୍ତକଗୁଡିକର ଇଂରାଜୀ ଅନୁବାଦ କରିବା ଅଭିପ୍ରାୟରେ ଗଠିତ ଏକ ସଂପାଦନା ମଣ୍ଡଳୀର ସେବକ-ସେବିକାମାନଙ୍କ ଦ୍ୱାରା 'ଶ୍ରୀଶ୍ରୀଠାକୁରଙ୍କ ଚିଠି' ପୁସ୍ତକର ଅନୁବାଦ ଶେଷ ହୋଇଯାଇଛି । ଚଳିତ ବର୍ଷ ପାଇଁ ଆମେରିକା ସାରସ୍ୱତ ସଂଘର ଭକ୍ତମାନେ ବିଗତ ବର୍ଷର ଲକ୍ଷ୍ୟ ସହିତ ଅନ୍ୟ କେତୋଟି ଅତିରିକ୍ତ ଲକ୍ଷ୍ୟ ନିର୍ଦ୍ଧାରଣ କରିଛନ୍ତି । ଏହି ସମସ୍ତ ଲକ୍ଷ୍ୟ ଗୁଡିକ ହେଲା -

୧. ଶ୍ରୀଶ୍ରୀଠାକୁରଙ୍କର ସେବା ଠିକ୍ ଭାବରେ କରିପାରିବୁ ।
୨. ସଂଘପୂଜାରେ ନିୟମିତ ଭାବରେ ଯୋଗ ଦେଇପାରିବୁ ।
୩. ନୀଳାଚଳ ସାରସ୍ୱତ ସଂଘର ନିର୍ଦ୍ଦେଶରେ ପରିଚାଳିତ ହେବୁ ।
୪. ଆସନ୍ତା ବର୍ଷ ନିଗମସ୍ମୃତି ମନ୍ଦିରରେ ସମସ୍ତ ସଂଘାଧିବେଶନ ଓ ବିଶେଷ ପୂଜା ଅଧିବେଶନ ଗୁଡିକ ପାଳନ କରିବୁ ।
୫. ପିଲାମାନଙ୍କର ଅଧିବେଶନରେ ପାଠ କରାଯାଉଥିବା ଇଂରାଜୀ ଗଳ୍ପସମୂହରୁ କିଛି ନୀଳାଚଳ ସାରସ୍ୱତ ସଂଘର ଅନୁମତି କ୍ରମେ ନୀଳାଚଳ ସାରସ୍ୱତ ସଂଘ ଦ୍ୱାରା ପ୍ରକାଶିତ କରିବୁ ।
୬. ପ୍ରତି ବର୍ଷ ଅନ୍ୟୁନ ଚାରି ଥର ନାରାୟଣ ସେବା କରିବା ପାଇଁ ଚେଷ୍ଟା କରିବୁ ।
୭. 'ଶ୍ରୀଶ୍ରୀଠାକୁରଙ୍କ ଚିଠି' ପୁସ୍ତକର ଇଂରାଜୀ ଅନୁବାଦର ସଂଶୋଧନ ଓ ପ୍ରକାଶନ କରିବା ନିମନ୍ତେ ଚେଷ୍ଟା କରିବୁ ।
୮. ସାରସ୍ୱତ ମାଧୁରୀ ପ୍ରକାଶନ କରିବୁ ।
୯. ନିଗମ ସ୍ମୃତିମନ୍ଦିରର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟ ବୃଦ୍ଧିର ଚେଷ୍ଟା ଅବ୍ୟାହତ ରଖିବୁ ।

ଆମେରିକା ସାରସ୍ୱତ ସଂଘ ପ୍ରତିଷ୍ଠା ହେବାର ବାର ବର୍ଷ ଅତୀତ ହେଲଣି । ଏହି ବାର ବର୍ଷ ମଧ୍ୟରେ ଆମର ସଂଘସେବୀଙ୍କ ସଂଖ୍ୟା ୨୦ରୁ ବୃଦ୍ଧିପ୍ରାପ୍ତ ହୋଇ ଏବେ ୬୩ରେ ପହଞ୍ଚିଛି । ଶ୍ରୀଶ୍ରୀଠାକୁରଙ୍କ ପାଖରେ ଏତିକି ପ୍ରାର୍ଥନା ଯେ, "ଏହି ପ୍ରବାସୀ ସଂଘଟି ତୁମରି ଭାବଧାରାରେ ଗଢିଉଠୁ ଏବଂ ତୁମରି ମହାନ ଆଦର୍ଶର ବିଶ୍ୱବ୍ୟାପୀ ପ୍ରଚାରରେ ସହାୟକ ହେଉ । ସମସ୍ତ ସଂଘସେବୀ ତୁମରି ଭାବରେ ଅନୁପ୍ରାଣିତ ହୋଇ ସଂଘବଦ୍ଧ ହୋଇ ଏକମନ ଏକପ୍ରାଣରେ ତୁମରି ସେବା କରନ୍ତୁ ଓ ତୁମର ଜଗତ୍‌ହିତକର କାର୍ଯ୍ୟରେ ଜୀବନ ଉତ୍ସର୍ଗ କରନ୍ତୁ ।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
ଜ୍ଞାନରଞ୍ଜନ ଦ୍ୱିବେଦୀ
ସଂପାଦକ, ଆମେରିକା ସାରସ୍ୱତ ସଂଘ